# ଗୋ-ମାଂସ ଜବତ; ବେପାରୀ ଗିରଫ

ଧର୍ମଶାଳା,୨୬।୨(ସମିସ): ଧର୍ମଶାଳା ଥାନା ଅନ୍ତର୍ଗତ ସୁହୁରିଆ ପଞ୍ଚାୟତସ୍ଥିତ ପୋଖରୀ ନିକଟରୁ ବେଆଇନ୍ ଗୋ ମାଂସ ନେଇ ଯାଉଥିବା ଜଣେ ବେପାରୀଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ନେଉଳପୁରଅଞ୍ଚଳରଅମୀରଖାଁ(୫୦) ଆଜି ସକାଳେ ଏକ ବ୍ୟାଗ୍‌ରେ ୧୦କିଲୋରୁ ଊର୍ଦ୍ଧ୍ୱ ଗୋ ମାଂସ ନେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାକୁ କାବୁ କରି ନେଇଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଜମା ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଅମୀରଙ୍କୁ ଥାନାକୁ ନେଇ ଯାଇଥିଲା। ଏ ନେଇ ଧର୍ମଶାଳା ମଣ୍ଡଳ ବିଶ୍ୱହିନ୍ଦୁ ପରିଷଦ ସଭାପତି ବିବେକାନନ୍ଦ ଜେନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୭୯/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅମୀରକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନମୁନା ଜବତ କରାଯାଇ କୋର୍ଟରେ ଦିଆଯାଇଥିବା ନେଇ ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ସମସ୍ୟାରେ ଘାଣ୍ଟି ହେଉଛନ୍ତି କାଳିଆପାଣି ଖଣି ଟ୍ରକ୍ ମାଲିକ



କାଳିଆପାଣି,୨୬।୨(ସମିସ): ଯାଜପୁର ଜିଲ୍ଲାର କାଳିଆପାଣି ଅନ୍ତର୍ଗତ ସୁକିନ୍ଦା ଖଣି ଅଞ୍ଚଳରେ ଟ୍ରକ୍ ମାଲିକଙ୍କ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ମାଲ ପରିବହନ ଦରରେ ଘୋଷିତ ୧୦ ପ୍ରତିଶତ ବୃଦ୍ଧି ଏ ପର୍ଯ୍ୟନ୍ତ ଲାଗୁ ନହେବାରୁ ସେମାନେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଥିବା କହିଛନ୍ତି। ଖଣି ଅଞ୍ଚଳରେ କ୍ରୋମ ଓର୍ ପରିବହନରେ ନିର୍ଭର କରୁଥିବା ଶତାଧିକ ଟ୍ରକ ମାଲିକଙ୍କ ପରିବାର ଏହି ଦର ବୃଦ୍ଧି ଉପରେ ଆଶା କରି ବସିଥିଲେ। ମାତ୍ର ତାହା କାର୍ଯ୍ୟକାରୀ ନହେବାରୁ ସେମାନେ ଦୁର୍ଦ୍ଦଶା ଦେଇ ଗତି କରୁଥିବା କହିଛନ୍ତି।

ସୂଚନା ଅନୁଯାୟୀ, ୧୦, ୧୨ ଓ ୧୪ ଚକିଆ ଯାନ ପାଇଁ ଟନେଜ୍ ଚାର୍ଜରେ ୧୦ ପ୍ରତିଶତ ବୃଦ୍ଧି ପ୍ରସଙ୍ଗରେ ଗତ ଅକ୍ଟୋବର ୧୫ରେ ଭୁବନେଶ୍ୱରରେ ମନ୍ତ୍ରୀମାନଙ୍କ ରେସିଡେଣ୍ଟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ସୁକିନ୍ଦା ବିଧାୟକ ତଥା ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ, ଓଡ଼ିଶା ସରକାର ପ୍ରଦୀପ ବଳ ସାମନ୍ତଙ୍କ ସହ ଖଣି ଜୋନ୍ ମାଲିକ ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଦୀର୍ଘ ଆଲୋଚନା ପରେ ଟନେଜ୍ ଚାର୍ଜରେ ୧୦ ପ୍ରତିଶତ ବୃଦ୍ଧିକୁ ସିଦ୍ଧାନ୍ତଗତ ଭାବେ ମଞ୍ଜୁରି ମିଳିଥିବା କୁହାଯାଇଥିଲା। ଡିସେମ୍ବର ୨୪ ତାରିଖ ଠାରୁ ନୂତନ ଦର କାର୍ଯ୍ୟକାରୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ମିନେରାଲ ଆସୋସିଏସନର ସଭାପତି ବିଦ୍ୟାଧର ପାତ୍ର ମଧ୍ୟ ଏଥିରେ ଉପସ୍ଥିତ ଥିଲେ। କିନ୍ତୁ ଟ୍ରକ ମାଲିକଙ୍କ ଅଭିଯୋଗ ଅନୁସାରେ, ଘୋଷିତ ବୃଦ୍ଧି ଆଜି ପର୍ଯ୍ୟନ୍ତ ଲାଗୁ ହୋଇନାହିଁ। ତା' ସହିତ ପ୍ରତ୍ୟେକ ପରିବହନ ଚାଲାଣରୁ ଟ୍ରକ ପିଛା ପ୍ରାୟ ୩ ହଜାର ଟଙ୍କା କଟୋତି କରାଯାଉଛି, ଯାହା ଟ୍ରାନ୍ସପୋର୍ଟ କମ୍ପାନୀମାନେ କେ.ଡି, ଏକଜିମ, ପଲ୍ଲବୀ, ଗର୍ବ, ନିଉ ଇଣ୍ଡିଆ, ଶ୍ରୀଗଣେଶ, ଭବାନୀ, ଦାସ ରୋଡ୍ ୱେଜ, ଲକ୍ଷ୍ମୀତା ଲଜିଷ୍ଟିକ ଟ୍ରାନ୍ସପୋର୍ଟ ନେଉଥିବା ଦାବି କରାଯାଉଛି। ଏହି କଟୋତି ଫଳରେ ଡିଜେଲ ମୂଲ୍ୟ ବୃଦ୍ଧି, ଯାନ ରକ୍ଷାବେକ୍ଷଣ ଖର୍ଚ୍ଚ ଓ ବ୍ୟାଙ୍କ ଋଣର ଇଏମ୍‌ଆଇ ଦେବାରେ ଟ୍ରକ ମାଲିକମାନେ ଦୁର୍ବଳ ହୋଇପଡ଼ିଛନ୍ତି। ସ୍ଥାନୀୟ ଟ୍ରକ ସଂଘମାନଙ୍କ କହିବା ଅନୁଯାୟୀ, ବୈଠକରେ ନିଆଯାଇଥିବା ସିଦ୍ଧାନ୍ତ କାଗଜରେ ସୀମିତ ରହିଗଲା। ପ୍ରାୟୋଗିକ ଭାବେ ତାହା କାର୍ଯ୍ୟକରୀ ନହେବାରୁ ଟ୍ରକ ଶିଳ୍ପ ଅସ୍ତିତ୍ୱ ସଙ୍କଟରେ ପଡ଼ିପାରେ। ଏହି ପରିସ୍ଥିତି ଜାରି ରହିଲେ ଆସନ୍ତା ଦିନରେ ଆନ୍ଦୋଳନ କିମ୍ବା ଚକା ଜାମ ଭଳି ପଦକ୍ଷେପ ନେବାର ସମ୍ଭାବନା ରହିଛି ବୋଲି ସଂଘପକ୍ଷରୁ ସତର୍କ କରାଯାଇଛି। ଏ ନେଇ ପ୍ରଶାସନ ଓ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ତତ୍କାଳ ହସ୍ତକ୍ଷେପ ଦାବି କରାଯାଇଛି। ଶୀଘ୍ର ସମାଧାନ ନ ହେଲେ ଖଣି ଅଞ୍ଚଳରେ ପରିବହନ ବ୍ୟବସ୍ଥା ପ୍ରଭାବିତ ହେବା ସହ ଅଞ୍ଚଳୀୟ ଅର୍ଥନୀତି ମଧ୍ୟ ଆଘାତ ପାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କଲେଜ ପରିଚାଳନା କମିଟି ପୂର୍ବତନ ସଭାପତିଙ୍କ ପରଲୋକ

ବାଲିଚନ୍ଦ୍ରପୁର,୨୬।୨(ସମିସ): ବାଲିଚନ୍ଦ୍ରପୁରସ୍ଥିତ ସାହସପୁର କଲେଜ ପରିସରରେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ବୈକୁଣ୍ଠ ନାଥ ପଣ୍ଡାଙ୍କ ବିୟୋଗରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ବରିଷ୍ଠ ପ୍ରାଧ୍ୟାପକ ହିମାଂଶୁ ଶେଖର ମହାନ୍ତି ମିଳନ କିଶୋର ଜେନା, ଅଧ୍ୟାପକ ସଂଗ୍ରାମ ପରିଡ଼ା, ପ୍ରତ୍ୟୁଷ ସାହୁ, ହେମନ୍ତ କୁମାର ବେହେରା, ଅଧ୍ୟାପିକା ମିନତୀ ମଞ୍ଜରୀ ସାହୁ, ମିନତୀ ମଞ୍ଜରୀ ନାୟକ, ଚିତ୍ତରଞ୍ଜନ ରାଉତ, ରତ୍ନାକର ସ୍ୱାଇଁ, ଆଦ୍ୟ ମୌସୁମୀ ମହାନ୍ତି, ପ୍ରଗତି ମହାନ୍ତି, ପ୍ରଶାନ୍ତ କୁମାର ସାମଲ, ମାନସ ବରାଳ, ଜୟଦେବ ଶତପଥି, କ୍ଷିତୀଶ ଲେଙ୍କା, ଦୁର୍ଗା ପ୍ରସାଦ ପରିଡ଼ା, ଇତିଶ୍ରୀ ପ୍ରଧାନଓ ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ସୃଷ୍ଟି, ପ୍ରଶାସନିକ ସୁଦୃଢ଼ତା ପ୍ରତିଷ୍ଠାନ ପ୍ରଗତିରେ ତାଙ୍କର ଦୃଷ୍ଟିଭଙ୍ଗୀ ନେତୃତ୍ୱ ଗୁଣ ପାଇଁ ସଦା ସ୍ମରଣୀୟ ହୋଇ ରହିବ ବୋଲି ମତ ଦେଇଥିଲେ।

## ନଦୀବନ୍ଧ ରାସ୍ତା କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ





ବ୍ରହ୍ମବରଦା,୨୬।୨(ସମିସ)

ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ଥିବା ପ୍ରଥମାଖଣ୍ଡି ସଡ଼ମ୍ବା ଠାରୁ ବରୀ ଅରୁଆଳ ପର୍ଯ୍ୟନ୍ତ ବ୍ରାହ୍ମଣୀ ବାମପାଶ୍ୱର୍ ନଦୀବନ୍ଧ ରାସ୍ତାକୁ ସଂପ୍ରସାରଣ ସହ ପିଚୁ କରାଯାଉଛି। ଏହି ରାସ୍ତାର ଉଭୟ ପାଶ୍ୱର୍ରେ ମାଟି ପକାଇ ୫ ଫୁଟ ପର୍ଯ୍ୟନ୍ତ ଚଉଡ଼ା କରାଯିବା ସହିତ ପିଚୁ କରାଯିବ। ଏ ନେଇ ବିଭାଗ ପକ୍ଷରୁ ୩୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୩ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଆଜି ଯାଏଁ ଅଧିକାଂଶ ସ୍ଥାନରେ କାର୍ଯ୍ୟ ଶେଷ ହୋଇ ପାରିନାହିଁ। ଠିକାଦାର ସରକାରଙ୍କ ଯୋଜନା ଓ ନୀତିନିୟମକୁ ଠିକ ଭାବେ ପାଳନ ନ କରି କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି। ଆଜି ଝାଲପଡ଼ା ଠାରୁ କାକୁଡ଼ିକୁଦ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ଏହାକୁ ନିମ୍ନମାନର ଦର୍ଶାଇ ବିରୋଧ କରିଛନ୍ତି ଗ୍ରାମବାସୀ। ରାସ୍ତାକୁ ଚଉଡ଼ା କରି କାମ ନ କଲେ କାର୍ଯ୍ୟ ବନ୍ଦ ରହିବା ନେଇ ଚେତାବନୀ ଦେଇଛନ୍ତି। ଲୋକଙ୍କ କହିବା ଅନୁଯାୟୀ ୧୦ଟି ପଞ୍ଚାୟତର ହଜାର ହଜାର ଲୋକେ ଏହି ନଦୀବନ୍ଧରେ ଯାତାୟାତ କରୁଥିବା ବେଳେ ଅଣ ଓସାରିଆ ରାସ୍ତା ପାଇଁ ଗୋଟିଏ ଗାଡ଼ି ଗଲେ ଅନ୍ୟ ଗୋଟିଏ ଗାଡ଼ି ଅତିକ୍ରମ କରି ପାରୁନାହିଁ। ସେହିପରି ଅଣଓସାରିଆ ରାସ୍ତା ପାଇଁ ଅନେକ ସମୟରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ବନ୍ୟା ସମୟରେ ଏହି ନଦୀବନ୍ଧରେ ବାରମ୍ବାର ଘାଇ ସୃଷ୍ଟି ହେଉଥିବା ବେଳେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାସମାସ ଧରି ନଦୀବନ୍ଧରେ, ଛାତ ଉପରେ, ବିଦ୍ୟାଳୟ ପିଣ୍ଡାରେ ଜୀବନ ବିତାଉଛନ୍ତି। ଏଣୁ ଏହି ନଦୀବନ୍ଧର ଉଭୟ ପାଶ୍ୱର୍କୁ ୩ ଫୁଟରୁ ଊର୍ଦ୍ଧ୍ୱ ଚକଟା ମାଟି ପକାଇ ଭଲଭାବେ ରୋଲିଂ କରି ଡଷ୍ଟ ପକାଇ ଚଉଡ଼ା କରାଗଲେ ନଦୀବନ୍ଧରେ ଘାଇ ସମସ୍ୟା କମ ରହିବ। ନଦୀବନ୍ଧକୁ ଚଉଡ଼ା କରାଯିବାର ନିହାତି ଆବଶ୍ୟକ ରହିଛି। ନଦୀବନ୍ଧକୁ ଚଉଡ଼ା କରି କାର୍ଯ୍ୟ କରା ନ ଗଲେ ଏଠାରେ କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ। ଏ ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏପଟେ ଠିକାଦାର ନଦୀବନ୍ଧକୁ ଚଉଡ଼ା ନ କରି ପୂର୍ବ ରାସ୍ତା ଉପରେ ଡଷ୍ଟ ପକାଇ କାର୍ଯ୍ୟ କରି ନେଉଛନ୍ତି। ଫଳରେ କାର୍ଯ୍ୟ ଶେଷ ହେବାର କେଇଟା ଦିନରେ ରାସ୍ତା ଭାଙ୍ଗି ନଷ୍ଟ ହେଉଛି। ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିଛିଦିନ ପୂର୍ବେ ଅର୍ଥଙ୍ଗା ପଞ୍ଚାୟତ ଚଅପୋଇ ମେଳଣ ପଡ଼ିଆ ଗଡ଼ାଠାରୁ ଶନିଗଡ଼ା ପର୍ଯ୍ୟନ୍ତ ନଦୀବନ୍ଧକୁ ଚଉଡ଼ା ନ କରି ପୂର୍ବ ରାସ୍ତା ଉପରେ ଡଷ୍ଟ ପକାଇ କାମ କରି ନେଉଥିବା ବେଳେ ଗ୍ରାମାବସୀ କାମ ବନ୍ଦ ରଖିଛନ୍ତି।

ସେହିପରି ମଙ୍ଗରାଜପୁର ପଞ୍ଚାୟତ ଲଙ୍କାବାଲି ସାହିଠାରେ ନିମ୍ନମାନର କାର୍ଯ୍ୟକୁ ଲୋକେ ବିରୋଧ କରିଥିଲେ। ଏବେ ପୁଣି ଝାଲପଡ଼ା ନଦୀବନ୍ଧକୁ ଚଉଡ଼ା କରିବା ପରିବର୍ତ୍ତେ ପୂର୍ବ ରାସ୍ତା ଉପରେ କାର୍ଯ୍ୟ କରି ନେବାକୁ ନେଇ ଗ୍ରାମାବାସୀ ବିରୋଧ କରିଛନ୍ତି। ତେବେ ଠିକାଦାର ଗ୍ରାମବାସୀଙ୍କୁ ଅନ୍ଧାରରେ ରଖି ବିନା ସୂଚନା ଫଳକରେ କାର୍ଯ୍ୟ କରୁଥିବାରୁ କାର୍ଯ୍ୟର ଆରମ୍ଭ, ଶେଷ, କେଉଁ ପ୍ରକାରର କାର୍ଯ୍ୟ ହେବ ଓ କେଉଁ ସାମଗ୍ରୀ କେତେ ପରିମାଣର, କାହା ପରେ କ'ଣ କରାଯିବ ତାହା କିଛି ଜାଣିପାରୁନାହାନ୍ତି। ଠିକାଦାର ମନମୁଖି ଭାବେ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି। ୨୦୨୩ ମସିହାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଆଜି ଯାଏଁ ଶେଷ ହୋଇ ପାରିଲା ନାହିଁ। କାର୍ଯ୍ୟ କେବେ ଶେଷ ହେବ, ରାସ୍ତାକୁ ପିଚୁ କରାଯିବ ଲୋକେ ସୁବିଧାରେ ଯାତାୟାତ କରିବେ ତାହା ଏବେ ପ୍ରଶ୍ନବାଚୀ? ତୁରନ୍ତ ସରକାରୀ ନୀତିନିୟମ ଅନୁଯାୟୀ ନଦୀପାଶ୍ୱର୍ରେ ମାଟି ପକାଇ ଚଉଡ଼ା କରିବା ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଝାଲପଡ଼ା ଗ୍ରାମର ମହେଶ୍ୱର ମଲ୍ଲିକ, ବାବାଜୀ ମଲ୍ଲିକ, ସାରତ ମଲ୍ଲିକ, ଶଶିକାନ୍ତ ମଲ୍ଲିକ, ମଧୁରୀ ମଲ୍ଲିକ, ପୁରସ୍ତମ ମଲ୍ଲିକ, ମୋହନ ମଲ୍ଲିକ, ଉପନ ମଲ୍ଲିକ, ସୁବାଷ ମଲ୍ଲିକ, ନରହରି ମଲ୍ଲିକ, ଶତୃଘନ ମଲ୍ଲିକ, ସୁଶୀଳ ମଲ୍ଲିକ, ରଞ୍ଜିତ ମଲ୍ଲିକ, ସୁଦାମ ମଲ୍ଲିକ, ଅଶୋକ ମଲ୍ଲିକ, ସୁଦର୍ଶନ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

## 'କଳିଙ୍ଗନଗର ବୁଲେଟିନ'ର ସ୍ୱନକ୍ଷତ୍ର

# 'ସମ୍ବାଦପତ୍ର ଜଡ଼ବସ୍ତୁ ନୁହେଁ; ଜୀବନ୍ତ ସତ୍ତା'



ବ୍ୟାସନଗର,୨୫।୨(ସମିସ): ଡିଜିଟାଲ ଯୁଗରେ ମୁଦ୍ରିତ ସମ୍ବାଦପତ୍ରର ଚାହିଦା କମିଯାଇଥାଇପାରେ କିନ୍ତୁ ଡିଜିଟାଲ ମିଡିଆ କେବେହେଲେ ସମ୍ବାଦପତ୍ରର ସ୍ଥାନ ନେଇପାରିବନି। ସମ୍ବାଦପତ୍ର ପ୍ରତି ଯେଉଁ ରୁଚି ପାଠକଙ୍କ ରହିଛି, ତାହା କେବେ ହେଲେ ଡିଜିଟାଲ ମିଡିଆ ପୂରଣ କରିପାରିବନି। ହଁ ଏହା ସତ, ମୁଦ୍ରିତ ସମ୍ବାଦପତ୍ର ଆଜି ସଙ୍କଟ ଦେଇ ଗତି କରୁଛି, କିନ୍ତୁ ସତ୍ୟ ଏବଂ ପ୍ରକୃତ ଖବର ପରିବେଷଣର ମାଧ୍ୟମ ହୋଇ ରହିଆସିଛି। ବ୍ୟାସନଗର ସହରରୁ ପ୍ରକାଶ ପାଉଥିବା ମାସିକ ସମ୍ବାଦ ପତ୍ର 'କଳିଙ୍ଗନଗର ବୁଲେଟିନ'ର ୧୪ ତମ ସ୍ୱନକ୍ଷତ୍ର ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ଏଭଳି ମତବ୍ୟକ୍ତ କରିଛନ୍ତି। ବୁଲେଟିନ ସମ୍ପାଦକ ହାରାଧନ ବାନାର୍ଜୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ମନ୍ତ୍ରୀ ବଳସାମନ୍ତ 'ସମ୍ବାଦ ପତ୍ର ଜଡ଼ ବସ୍ତୁ ନୁହେଁ, ଏକ ଜୀବନ୍ତ ସତ୍ତା' ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଗ୍ରାମାଞ୍ଚଳ ସାମ୍ବାଦିକ ପ୍ରକୃତ ସାମ୍ବାଦିକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ବୁଲେଟିନର ଦୀର୍ଘାୟୁ କାମନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ବଳ ଯୋଗ ଦେଇ କଳିଙ୍ଗନଗର ବୁଲେଟିନ ଆମ ଅଞ୍ଚଳର ଗର୍ବ ଓ ଗୌରବ ବୋଲି କହିଥିଲେ। ସହଯୋଗୀ ସମ୍ପାଦକ ଶରତ ପଥାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସହ ସମ୍ପାଦକ ରବିନାରାୟଣ କର ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ବାବୁରାମ ଜେନା, ପବିତ୍ର ରଞ୍ଜନ ମହାନ୍ତି, ଡାକ୍ତର ପ୍ରମୋଦ ଶତପଥି, ଚାଟାର୍ଟ ଆକାଉଟାଣ୍ଟ ମହାମାୟା ପ୍ରତାପ ସ୍ୱାଇଁ, ଶ୍ରମିକ ସାଥୀ ପ୍ରାଣକୃଷ୍ଣ ମହନ୍ତ, ଅଳଙ୍କରଣ ପାଇଁ ଗିରିଜା ଶଙ୍କର ବେହେରା, ସମାଜସେବା ପାଇଁ ରାଜେନ୍ଦ୍ର କୁମାର ବିଶ୍ୱାଳ, ନବଉତ୍କଳ ମହିଳା ସମିତିର ରୀନା ତ୍ରିପାଠୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ କଳିଙ୍ଗନଗର ବୁଲେଟିନର ସ୍ୱତନ୍ତ୍ର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶିଶୁ ଚିକିତ୍ସକ ପ୍ରସନ୍ନ କୁମାର ସାହୁଙ୍କ ସମେତ, ଶିଳ୍ପ ପ୍ରତିନିଧି, ଶ୍ରମିକ ନେତା, ମହିଳା ସଂଗଠନର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ମଦନ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ବ୍ୟଙ୍ଗକବି ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିଲେ।

# ମା' ଜୟଚଣ୍ଡୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କୟାଁଗୋଲା,୨୬।୨(ସମିସ): ଦଶରଥପୁର ବ୍ଲକ୍ କର୍ମା ଗ୍ରାମପଞ୍ଚାୟତ ତଥା ପୂର୍ବ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ଜୟଚଣ୍ଡୀ ପୀଠରେ ୪୮ ତମ ପଞ୍ଚଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ ୨୪ତାରିଖ ଠାରୁ ଅନୁଷ୍ଠିତ ହେଉଛି। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଗାୟକ ଚନ୍ଦ୍ରଶେଖର ପାଢ଼ୀ ଓ ଧରଣୀଧର ନାୟକ ବାଦିପାଲା ପରିବେଷଣ କରୁଛନ୍ତି ବୋଲି ଯଜ୍ଞ ଉତ୍ସବ ସମିତିର କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ଯଜ୍ଞ କମିଟିର ସଭାପତି ସୁଦର୍ଶନ ନାୟକ, ସମ୍ପାଦକ ମଧୁସୂଦନ ପୃଷ୍ଟି, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାୟ, ସଭ୍ୟ ଚୌବନ ବାରିକ, ମଳୟ କୁମାର ପଣ୍ଡା, ଦିଗମ୍ବର ଦାସ, ଚୌଧୁରୀ ଯେନା, ଭାଗିରଥୀ ପୃଷ୍ଟି, ଶ୍ରୀନାଥ ଯେନା, ବାସୁଦେବ ଦାସ, ପଞ୍ଚାନନ ମଲ୍ଲିକ, ପ୍ରିୟବ୍ରତ ବିଶ୍ୱାଳ, ଧୀରେନ୍ ନାୟକ,ସତ୍ୟରଞ୍ଜନ ନାୟକ ପ୍ରମୁଖ ସହଯୋଗ କରୁଛନ୍ତି। ଅନୁଷ୍ଠିତ ଯଜ୍ଞୋତ୍ସବରେ କର୍ତ୍ତା ଭାବେ ଜଗବନ୍ଧୁ ଦାଶ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣପ୍ରଭା ଦାଶ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ପୂଜକ ଭାବେ ପ୍ରଦୀପ ପଣ୍ଡା, ନିହାର ରଞ୍ଜନ ପଣ୍ଡା, ଗଙ୍ଗା ପଣ୍ଡା, ନୃସିଂହ ପଣ୍ଡା, କାଳୀପ୍ରସାଦ ଶତପଥୀ, ବସନ୍ତ ଶତପଥୀ ପ୍ରମୁଖ ଯଜ୍ଞମଣ୍ଡପରେ ପୂଜାର୍ଚ୍ଚନା କରୁଛନ୍ତି।



ପ୍ରତ୍ୟେକ ଦିନ ମଧ୍ୟାହ୍ନରେ ମା'ଙ୍କ ପୀଠରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁ ଭକ୍ତ ମା'ଙ୍କ ବିଭୁକୃପା ଲାଭ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରୁଛନ୍ତି। ସେହିପରି ମା'ଙ୍କ ପୀଠ ପରିସରରେ ଖୋଲିଥିବା ବିଭିନ୍ନ ପ୍ରକାର ଷ୍ଟଲରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।

# ସୁଙ୍ଗୁଡ଼ାରେ 'ଆମ ୱାର୍ଡ ଆମ ପରିବାର' କାର୍ଯ୍ୟକ୍ରମ

ବଡ଼ଚଣା,୨୬।୨(ସମିସ): ବଡ଼ଚଣା ବ୍ଲକ୍ ଧାନମଣ୍ଡଳ ପଞ୍ଚାୟତ ବାରୁଣାବନ୍ତ ପର୍ବତ ପାଦଦେଶରେ ଅବସ୍ଥିତ ବିଜୁଳେଇ ଠାକୁରାଣୀଙ୍କ ନିକଟରେ ଚଳିତ ବର୍ଷ ହେବାକୁ ଥିବା ଚଣ୍ଡିଖୋଲ ବିଜ୍ଞାପିତ ପରିଷଦ ନିର୍ବାଚନକୁ ଆଖି ଆଗରେ ରଖି ନବଗଠିତ ୧୦ନଂ ୱାର୍ଡ ସୁଙ୍ଗୁଡ଼ାର ବନ୍ଧୁମାନଙ୍କୁ ନେଇ ଭାସ୍କର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱ ଓ ଯୁବ ନେତା ଯଚିନ୍ଦ୍ର ନାୟକଙ୍କ



ନେତୃତ୍ୱରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ 'ଆମ ୱାର୍ଡ ଆମ ପରିବାର, ମନ ମିଳାନ୍ତୁ, ହାତ ମିଳାନ୍ତୁ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ନେତା ଯଚିନ୍ଦ୍ର ନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ସମସ୍ତ ବନ୍ଧୁ ଶପଥ ନେଇଥିଲେ। ଶ୍ରୀ ନାୟକ ଦୀର୍ଘଦିନ ହେଲା ୧୦ ନମ୍ବର ୱାର୍ଡଟି ଅବହେଳିତ ଅବସ୍ଥାରେ ଅଛି। ଏହାର ବିକାଶ ପାଇଁ ସେ ଯୁବକ, ଛାତ୍ର, ମାତୃଶକ୍ତି ଓ ମୁରବୀମାନଙ୍କ ସାହାଯ୍ୟ ଓ ସହଯୋଗ ଲୋଡ଼ିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ନାୟକ, ସେକ୍ ଅନୱାର, ସୁରେନ୍ଦ୍ର ଜେନା, ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ଅଜିତ୍ ମାହାଲା, ସୁଧାଂଶୁ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ବେହେରା, କାର୍ତ୍ତିକ ଚନ୍ଦ୍ର ରଣା, ନିରଞ୍ଜନ ବେହେରା, ରଘୁନାଥ ରଣା, ବିକ୍ରମ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଫାଇନାନ୍ସ କମ୍ପାନୀ କର୍ମଚାରୀ ନିଖୋଜ

ବଡଚଣା,୨୬।୨(ସମିସ)

## ଥାନାରେ ଫେରାଦ ହେଲେ ପରିବାର ଲୋକେ

ଚଣ୍ଡିଖୋଲ ଛକ ନିକଟ ନୂଆ ସୁଙ୍ଗୁଡ଼ାସ୍ଥିତ ଘରୋଇ ଫାଇନାନ୍ସ କମ୍ପାନୀ ସ୍ୱନ୍ଦନରେ ନିଯୁକ୍ତି ପାଇ ଦୀର୍ଘ ୭ ବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଜଣେ କର୍ମଚାରୀ ଗତ ୨୦ ତାରିଖରୁ ନିଖୋଜ ଅଛନ୍ତି। ତାଙ୍କ ମୋବାଇଲ ସୁଇଚ୍‌ଡ ଅଫ୍ ଅଛି। ସୂଚନା ମୁତାବକ ପୁରୀ ଜିଲ୍ଲା ତଥା ସତ୍ୟବାଦୀ ଥାନା ଅନ୍ତର୍ଗତ ସାରୁଗଡ଼ିଆ ଗ୍ରାମର ବାବୁଲା ଭୋଇଙ୍କ ଏକମାତ୍ର ପୁତ୍ର ବଳଭଦ୍ର ଭୋଇ (୩୦) ଦୀର୍ଘ ୭ ବର୍ଷ ହେବ ଏହି ସ୍ୱନ୍ଦନ କମ୍ପାନୀରେ କାର୍ଯ୍ୟ କରି ଆସୁଥିବା ବେଳେ ଗତ ୨୦ ତାରିଖରୁ ସେ ନିଖୋଜ ଅଛନ୍ତି। ତେବେ ନିଖୋଜ ବଳଭଦ୍ରଙ୍କ ପିତା ବାବୁଲା ଭୋଇଙ୍କ ଦେହ ଅସୁସ୍ଥ ଥିବାବେଳେ ତାଙ୍କ ମାମୁ ବେଣୁଧର ଭୋଇ ଆମ ଭଣଜାକୁ କେହି ଅପହରଣ କରି ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ୨୦ ତାରିଖ ଦିନ ବଳଭଦ୍ର ତାଙ୍କ କମ୍ପାନୀ ମ୍ୟାନେଜର ହେମନ୍ତ କୁମାର ବେହେରାଙ୍କ ସହିତ କଲେକ୍ସନ ପାଇଁ ଯାଇଥିଲେ। କଲେକ୍ସନ କାର୍ଯ୍ୟ ସାରି ମ୍ୟାନେଜର କାର୍ଯ୍ୟାଳୟକୁ ଫେରି ଆସିଥିଲେ। ହେଲେ ବଳଭଦ୍ର କାର୍ଯ୍ୟାଳୟକୁ ଆସିବା ବିଳମ୍ବ ହେବାରୁ ମ୍ୟାନେଜର ଶ୍ରୀ ବେହେରା ତାଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିଥିଲେ। ହେଲେ ତାଙ୍କ ମୋବାଇଲ ସୁଇଚ୍‌ଡ ଅଫ୍ ଥିଲା। ପରେ ମ୍ୟାନେଜର ଶ୍ରୀ ବେହେରା ଏ ନେଇ ମୋବାଇଲ ଯୋଗେ ତାଙ୍କ ପରିବାର ଲୋକଙ୍କୁ ଅବଗତ କରାଇଥିଲେ ବୋଲି ମାମୁ ବେଣୁଧର ତାଙ୍କ ଏତଲା କପିରେ ଦର୍ଶାଇଛନ୍ତି। ଅପରପକ୍ଷରେ ବଳଭଦ୍ରଙ୍କ ନିଖୋଜ ନେଇ କମ୍ପାନୀ ପକ୍ଷରୁ ମଧ୍ୟ ଥାନାରେ ଲିଖିତ ଭାବେ ଜଣାଇ ଦିଆଯାଇଥିବା ମ୍ୟାନେଜର ଶ୍ରୀ ବେହେରା କହିଛନ୍ତି। ତେବେ ଏ ନେଇ ଅଭିଯୋଗ ପାଇ ଥାନା ପକ୍ଷରୁ ତଦନ୍ତ ଜାରି ରହିଥିବା ଜଣାଯାଇଛି। ଏପଟେ ଏକମାତ୍ର ପୁତ୍ରର ନିଖୋଜ ଖବରରେ ଅସୁସ୍ଥ ଥିବା ତାଙ୍କ ବାପା ଓ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।



ତୁରନ୍ତ ନିଖୋଜ ବଳଭଦ୍ରଙ୍କୁ ଖୋଜି ତାଙ୍କ ପରିବାରକୁ ହସ୍ତାନ୍ତର କରିବାକୁ ପରିବାର ଲୋକେ ଗୁହାରି କରିଛନ୍ତି।

# କବାଟବନ୍ଧରେ ନୂତନ ମଙ୍ଗଳା ମନ୍ଦିର ପ୍ରତିଷ୍ଠା

କବାଟବନ୍ଧ,୨୬।୨(ସମିସ): ଧର୍ମଶାଳା ବ୍ଲକ୍ ଜେନାପୁର ଥାନା ଅଧୀନ କବାଟବନ୍ଧଠାରେ ମା' ମଙ୍ଗଳାଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ କବାଟବନ୍ଧ ମଝି ସାହିରେ ଏ ନେଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ରୀତିନୀତି ଅନୁଯାୟୀ କରାଯାଉଛି। ବୁଧବାର ଅଙ୍କୁରାରୋପଣ, କୁଣ୍ଡ ମଙ୍ଗଳାଧିବାସ, ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ଧେନୁ ପୂଜନ, ମନ୍ଦିର ଶିଖର ସ୍ନାନ, ମନ୍ଦିର ପ୍ରବେଶ ଏବଂ ସ୍ଥାପନ, ରାଜେଶ୍ୱରୀ ବେଶ, ନବ ଯୌବନ ଦର୍ଶନ ଆଦି ସମସ୍ତ ପୂଜା ବିଧି କରାଯାଉଛି। ଗୁରୁବାର ସ୍ଥାନୀୟ ବ୍ରାହ୍ମଣୀ ନଦୀରୁ ଏକ ବିରାଟ ଶୋଭାଯାତ୍ରାରେ ଶତାଧିକ ପୁରୁଷ ଏବଂ ମହିଳା କଳସଧାରୀ ଜଳ କଳସ ଆଣି ଗ୍ରାମ ଭ୍ରମଣ କରି ମଣ୍ଡପ ପ୍ରବେଶ କରିଥିଲେ। ରବୀନ୍ଦ୍ର ପାତ୍ର, ଅରବିନ୍ଦ ମହାନ୍ତି, ଲଳିତ ମହାନ୍ତି, ଜ୍ଞାନେନ୍ଦ୍ର ପାତ୍ର, ତ୍ରିଲୋଚନ ପାତ୍ର, ନରେନ୍ଦ୍ର ସାହୁ, ତାପସ ପାତ୍ର ପ୍ରମୁଖ ମୁଖ୍ୟ କଳସଧାରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ଶୋଭାଯାତ୍ରାରେ ଢୋଲ ବାଦ୍ୟ, ପାଇକ ଆଖଡ଼ା, ଘଣ୍ଟ ବାଦ୍ୟ, ସଂକୀର୍ତ୍ତନ ସହିତ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ ପରିବେଷଣ, ସଂକୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମନ୍ଦିର ଉନ୍ନୟନ କମିଟିର ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦିବାରାତ୍ର ଆନନ୍ଦ ବଜାର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି।



ସକାଳ THE SAKALA



## ଧାମନଗର ଜଳସେଚନ ବିଭାଗରେ ମହାଘୋଟାଲା

# ମୁଷ୍ଟିମେୟ ଦଲାଲଙ୍କ ଇସାରାରେ ନାଚୁଛନ୍ତି ଯନ୍ତ୍ରୀ !

ଦୋବଲ,୨୬।୨(ସମିସ)



ଧାମନଗର ଜଳସେଚନ ବିଭାଗ ଏବେ ଦୁର୍ନୀତିର ଏକ "ସୁରକ୍ଷିତ ଆଡ୍ଡା' ପାଲଟିଛି। ଯେଉଁଠି ସରକାରୀ ନିୟମ ନୁହେଁ, ବରଂ କିଛି ମୁଷ୍ଟିମେୟ ଦଲାଲ ଓ ଅସାଧୁ ଠିକାଦାରଙ୍କ ନିର୍ଦ୍ଦେଶରେ ବିଭାଗୀୟ କାର୍ଯ୍ୟ ପରିଚାଳିତ ହେଉଛି। ଧାମନଗର ଭଳି ଏକ ସ୍ୱର୍ଣ୍ଣକାତର ବନ୍ୟାପ୍ରବଣ ଅଞ୍ଚଳରେ ବିଭାଗର ଏଭଳି ମୁରବୀଶୂନ୍ୟ ଅବସ୍ଥା ଏବେ ସାଧାରଣ ଜନତାଙ୍କ ଜୀବନଜୀବିକାକୁ ବିପଦକୁ ଠେଲି

**● ମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନକୁ ଚ୍ୟାଲେଞ୍ଜ**
**● ଦୀର୍ଘ ଦିନ ହେଲାଣି ଏସ୍‌ଡିଓ ପଦ ଖାଲି**

ଦେଇଛି। ଦୀର୍ଘ ଦିନ ଧରି ଧାମନଗର ଜଳସେଚନ ବିଭାଗରେ ଏସ୍‌ଡିଓ ପଦ ଖାଲି ପଡ଼ିବା ଏକ ବଡ଼ ଧରଣ ଷଡ଼ଯନ୍ତ୍ରର ଅଂଶ ବୋଲି ଚର୍ଚ୍ଚା ହେଉଛି। ଜଣେ ବରିଷ୍ଠ ଅଧିକାରୀ ନ ଥିବାରୁ ତଳସ୍ତରର କିଛି କନିଷ୍ଠ ଯନ୍ତ୍ରୀ (ଜେଇ) ଏବଂ ବାହାରର କିଛି ଦଲାଲ ମିଶି ମନମୁଖୀ ଶାସନ ଚଳାଇଛନ୍ତି। କୋଟି କୋଟି ଟଙ୍କାର ନଦୀବନ୍ଧ ମରାମତି ଓ ଘାଟ ନିର୍ମାଣ କାର୍ଯ୍ୟ ବିନା କୌଣସି ବୈଷୟିକ ତଦାରଖରେ ଶେଷ କରାଯାଉଛି, ଯାହା ବନ୍ୟା ସମୟରେ ପୁଣି ଧୋଇଯିବା ଆଶଙ୍କା କରାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟକଳାପକୁ ନେଇ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଧୂଷୁରୀ ସେକ୍ସନର ଜେଇ ବିମଳ ବେହେରା ସମ୍ପୂର୍ଣ୍ଣ ଭାବେ ଠିକାଦାର-ଦଲାଲ ଗୋଷ୍ଠୀର ହାତବାରିଶି ସାଜି ନିମ୍ନମାନର କାମକୁ ପ୍ରଶ୍ରୟ ଦେଉଥିବାବେଳେ ସରକାରୀ ପାଣ୍ଠିକୁ ହରିଲୁଟ୍ ପାଇଁ ଉଦ୍ୟମ କରୁଛନ୍ତି। କ୍ଷେଣ୍ଟପୁର ସେକ୍ସନ ଜେଇ ସ୍ୱାଗତ ବେହେରାଙ୍କ ସାଧୁତା ଏବେ ତାଙ୍କ ପାଇଁ କାଳ ସାଜିଛି। ଦୁର୍ନୀତିକୁ ବିରୋଧ କରିବା ଏବଂ ଗୁଣବତ୍ତା ବଜାୟ ରଖିବା ପାଇଁ ପରାମର୍ଶ ଦେଉଥିବାରୁ ତାଙ୍କୁ ସେଠାରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି। ଜଣେ କର୍ତ୍ତବ୍ୟନିଷ୍ଠ ଅଧିକାରୀଙ୍କୁ ବଦଳି କରିବାକୁ ଯୋଜନା କରି ବିଭାଗୀୟ ଦଲାଲମାନେ ସରକାରଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଛନ୍ତି। ଧାମନଗର ନିର୍ବାଚନମଣ୍ଡଳୀ ହେଉଛି ଖୋଦ୍ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଗଡ଼। ମନ୍ତ୍ରୀ ଉକ୍ତ ଅଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆଣୁଥିବାବେଳେ ବିଭାଗୀୟ କିଛି "ବିଭୀଷଣ' ଏହାକୁ ଲୁଟ୍ କରିବାରେ ଲାଗିଛନ୍ତି। ମନ୍ତ୍ରୀଙ୍କ ପାଖକୁ ସଠିକ୍ ତଥ୍ୟ ପହଞ୍ଚିବାକୁ ଦିଆଯାଉନାହିଁ। କିଛି ବ୍ୟକ୍ତି ବିଭାଗୀୟ ଅଧିକାରୀଙ୍କୁ ନିଜ ଇସାରାରେ ଉଠ୍‌ବସ୍ କରାଉଛନ୍ତି, ଯାହା ରାଜ୍ୟ ସରକାରଙ୍କ "ଜିରୋ ଟୋଲେରାନ୍ସ' ନୀତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଧାମନଗର, ଧୂଷୁରୀ ଓ ଆରଡ଼ି ଅଞ୍ଚଳର ଲୋକେ ଏବେ ଆତଙ୍କିତ। ଯଦି ନଦୀବନ୍ଧ ମରାମତିରେ ଡଞ୍ଚକତା କରାଯାଏ, ତେବେ ଆଗାମୀ ବନ୍ୟାରେ ହଜାର ହଜାର ହେକ୍ଟର ଚାଷଜମି ଓ ଶହଶହ ଗାଁ ଜଳମଗ୍ନ ହେବ। ତେଣୁ ମନ୍ତ୍ରୀ ତୁରନ୍ତ ଖାଲି ପଡ଼ିଥିବା ପଦ ପୂରଣ କରିବାକୁ ଦାବି ହେଉଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ବାରିକପୁର,୨୬।୨(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ପାଳଦା ପୂର୍ତ୍ତ ରାସ୍ତାରେ ଗୋଟିଏ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଆହତ ହୋଇ ଚିକିତ୍ସା ହେଉଛନ୍ତି। ସୂଚନା ମୁତାବକ, ଷୋଳମପୁର ପଞ୍ଚାୟତ ଟିଖିଲିଆ ଗ୍ରାମର ଶରତ ବଳ (୨୩) ଅନ୍ୟ ଜଣେ ସାଙ୍ଗଙ୍କୁ ନେଇ ରହଣିଆ ପଞ୍ଚାୟତ ପୁରୁଷୋତ୍ତମପୁର ମାମୁ ଘରକୁ ଆସିଥିଲେ। ମାମୁ ଘରୁ ରାତ୍ରିଭୋଜନ ପରେ ଶରତ ଓ ତାଙ୍କ ସାଙ୍ଗ ରାତି ପ୍ରାୟ ୧୧.୩୦ ମିନିଟ୍ ସମୟରେ ଘରକୁ ଫେରୁଥିଲେ। ରାସ୍ତାର ବାହାଣିଆ ନିକଟରେ କୌଣସି କାରଣରୁ ମୋଟର ସାଇକଲ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଶରତଙ୍କ ମୁହଁ ଓ ବେକରେ ଗଭୀର ଆଘାତ ଲାଗିଥିବାବେଳେ ଅନ୍ୟ ଯୁବକ ଜଣକ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଦୁଇ ଜଣଙ୍କୁ ଯାଜପୁର ମେଡିକାଲ ପଠାଇଥିବାବେଳେ ଶରତଙ୍କ ଅବସ୍ଥା ଗୁରୁତର ଥିବା ହେତୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି।

## ମାର୍ଚ୍ଚ ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ,୨୬।୨(ସମିସ): ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ୨୦୨୬ ମସିହାର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହେବ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧିକାରୀ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ଏହି ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମୋକଦ୍ଦମା ଯଥା- ଫୌଜଦାରୀ (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ), ମୋଟରଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ, ପ୍ରାକ୍ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନ ଥିବା), ଚେକ୍ ବାଉନ୍ସ ମାମଲା, ବିଏସ୍‌ଏନ୍‌ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଏହାର ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ଏହାର ପ୍ରଚାରପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋପାରିବେ, ସେଥିପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଜନସାଧାରଣ କୌଣସି ଦ୍ୱନ୍ଦ୍ୱ ବା ଭୟଭୀତ ନ ହୋଇ ଏହାର ସୁଯୋଗ ନେବାକୁ କୁହାଯାଇଛି।

## ଲାଲଟେନ୍ଦୁ ଜେନା ଭଦ୍ରକ ଜିଲ୍ଲା ଦୌରାଜଜ୍ ନିଯୁକ୍ତ



ଭଦ୍ରକ,୨୬।୨(ସମିସ): ଓଡ଼ିଶା ହାଇକୋର୍ଟ ପକ୍ଷରୁ ଲାଲଟେନ୍ଦୁ ଜେନାଙ୍କୁ ଭଦ୍ରକ ଜିଲ୍ଲା ତଥା ଦୌରାଜଜ୍ ଭାବରେ ନିଯୁକ୍ତି ଦିଆଯାଇଛି। ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଭଦ୍ରକରେ କାର୍ଯ୍ୟରତ ଜିଲ୍ଲା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କର ନବରଙ୍ଗପୁର ବଦଳି ପରେ ଦୀର୍ଘ ପ୍ରାୟ ୨ ମାସ ଧରି ଏହି ପଦ ଖାଲି ପଡ଼ିଥିଲା। ଶ୍ରୀ ଜେନା ଓଡ଼ିଶା ଦେବୋତ୍ତର ବିଭାଗରେ କମିଶନର ଭାବରେ କାର୍ଯ୍ୟ କରୁଛନ୍ତି। ୧୯୬୮ ଜୁଲାଇ ୨୮ ତାରିଖରେ କେନ୍ଦ୍ରାପଡ଼ାରେ ଜନ୍ମିତ ଶ୍ରୀ ଜେନା କଟକ ସଦର କୋର୍ଟରେ ଓକିଲାତି କରୁଥିବାବେଳେ ୨୦୦୧ ମେ' ୭ରେ କନିଷ୍ଠ ଦେୱାନୀ ଜଜ୍ ଭାବରେ ପୁରୀ ସଦର ମୁନ୍‌ସିଫ୍ ଭାବରେ ଯୋଗଦେଇଥିଲେ। ପରେ ସେ ରାୟଗଡ଼ା, ଲକ୍ଷ୍ମୀପୁର, ନିମାପଡ଼ା ଆଦି ସ୍ଥାନରେ ବିଭିନ୍ନ ପଦରେ ବିଚାରପତି ରହି ୨୦୦୯ରେ ବାରିପଦାରେ ଏସ୍‌ଡିଜେଏମ୍ ଭାବରେ ଯୋଗଦେଇଥିଲେ। ଏହା ପରେ କଟକସ୍ଥିତ ଦେବୋତ୍ତର ବିଭାଗର ଯୁଗ୍ମ କମିଶନର ଭାବରେ କାର୍ଯ୍ୟ କରି ୨୦୧୬ରେ ବଲାଙ୍ଗିର ସହକାରୀ ଜିଲ୍ଲା ଜଜ୍ ଓ ପରେ ସେହିଠାରେ ୨୦୧୮ରେ ଜିଲ୍ଲା ଜଜ୍ ଭାବରେ କାର୍ଯ୍ୟ କରୁଥିବାବେଳେ ଓଡ଼ିଶା ଦେବୋତ୍ତର ବିଭାଗର କମିଶନର ନିଯୁକ୍ତି ହୋଇଥିଲେ। ଯଦି ତାଙ୍କର ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ପଦକୁ ପଦୋନ୍ନତି ନ ହୁଏ, ତେବେ ୨୦୨୮ ଜୁଲାଇ ୩୧ରେ ଅବସର ନେବେ।

## ଶ୍ରୀଚୈତନ୍ୟ ପ୍ରଭୁଙ୍କ ନବକଳେବର ପ୍ରାଣ ପ୍ରତିଷ୍ଠା



ଦୋବଲ,୨୬।୨(ସମିସ): ଦୋବଲ ନିକଟସ୍ଥ ସୋହଡ଼ା ପଞ୍ଚାୟତ ଅଧୀନ ଗୌରାଙ୍ଗପୁର ଜୟନ୍ତିରାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଭବ୍ୟ ନବକଳେବର ଉତ୍ସବ ଧୁମ୍‌ଧାମରେ ପାଳିତ ହେଉଛି। ବରଦା ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଚାଲିଥିବା ଚାରିଦିନିଆ ମହାନୁଷ୍ଠାନ ବୁଧବାର ଦ୍ୱିତୀୟ ଦିନରେ ସକାଳୁ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ସହିତ ଯଜ୍ଞ ଆରମ୍ଭ ଓ ଅଙ୍କୁରାରୋପଣ ହୋଇଥିଲା। ଉତ୍ସବ ପରିସରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ଏହି ପୂଜାରେ ୮ ଜଣ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ଓ ବିଭିନ୍ନ ପୂଜା କାର୍ଯ୍ୟ ନିୟମିତ ଭାବେ ଚାଲୁଛି। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ "ଶ୍ରୀଚୈତନ୍ୟ' ମୁଖପତ୍ରକୁ ଉନ୍ମୋଚନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ଉପସ୍ଥିତ ଥିବାବେଳେ, କଥାଶିଳ୍ପୀ ପବିତ୍ର ପାଣିଗ୍ରାହୀ, ମୁଖ୍ୟ ପୁରୋଧା ବରଦା ପ୍ରସାଦ ମହାପାତ୍ର, ସାହିତ୍ୟିକ ଡ. ବିଶ୍ୱରଞ୍ଜନ ଦାଶ, ନାଟ୍ୟକାର ସୁଧାଂଶୁ ନାୟକ, ଧରଣୀଧର ମହାପାତ୍ର ଓ ଦଶରଥ ଦାଶ ପ୍ରମୁଖ ଯୋଗଦେଇଥିଲେ। ଇତିହାସ ଅନୁସାରେ, ୧୫୨୬ ମସିହାରେ ସ୍ଥାନୀୟ ବଂଶୀଧର ଗୋସ୍ୱାମୀଙ୍କ ଦ୍ୱାରା ଏହି ଚୈତନ୍ୟ ମଠଟି ସ୍ଥାପିତ ହୋଇଥିଲା। ପୁରୀ ଯାତ୍ରା ସମୟରେ ଚୈତନ୍ୟ ମହାପ୍ରଭୁ ଏଠାରେ ବିଶ୍ରାମ ନେଇଥିବାରୁ ମଠଟି "ଚୈତନ୍ୟ ମଠ' ଭାବେ ପରିଚିତ ହୋଇଥିଲା। ଗୌରାଙ୍ଗ ଦେବଙ୍କ ନାମାନୁସାରେ ଗ୍ରାମଟି "ଗୌରାଙ୍ଗପୁର' ଭାବେ ପରିଚିତ ହୋଇଆସିଛି। ତେବେ ଦୀର୍ଘବର୍ଷ ହୋଇଯିବାରୁ ଚୈତନ୍ୟଙ୍କ ବିଗ୍ରହ ନଷ୍ଟ ହୋଇଯାଇଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଏହି ମହାନୁଷ୍ଠାନର ଆୟୋଜନ କରାଯାଉଛି। ବରଦା ପ୍ରସାଦ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ ସୁଚାରୁ ଭାବେ ସମ୍ପନ୍ନ ହେଉଛି।

## ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକ ଅଧିକାର ଯାତ୍ରାକୁ ଭଦ୍ରକରେ ସ୍ୱାଗତ




ଭଦ୍ରକ,୨୬।୨(ସମିସ): ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଏକ ଲୋକ ଅଧିକାର ଯାତ୍ରା ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁରରୁ ଆରମ୍ଭ ହୋଇ ଜଗତସିଂହପୁର, ଯାଜପୁର ଜିଲ୍ଲା ଅତିକ୍ରମ କରି ଭଦ୍ରକରେ ପହଞ୍ଚିଥିଲା। ଏହି ଅଭିଯାତ୍ରୀ ଦଳକୁ ଭଦ୍ରକବାସୀଙ୍କ ପକ୍ଷରୁ ଫୁଲତୋଡ଼ା ଦିଆଯାଇ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଅଭିଯାତ୍ରୀ ଦଳରେ ରାଜ୍ୟର ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଗଣ ଆନ୍ଦୋଳନର ନେତା ନରେନ୍ଦ୍ର ମହାନ୍ତି, ପଶ୍ଚିମ ଓଡ଼ିଶାର କୃଷକ ନେତା ଲିଙ୍ଗରାଜ ପ୍ରଧାନ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ବିଶ୍ୱଜିତ୍ ରାୟ, ପରିବେଶ ନ୍ୟାୟ କେନ୍ଦ୍ର ସମ୍ପାଦକ ସର୍ବେଶ୍ୱର ସାହୁ, ଆଦିବାସୀ ନେତା ସୁକାନ୍ତ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଭଦ୍ରକ ଜିଲ୍ଲାବାସୀଙ୍କ ପକ୍ଷରୁ ସିପିଆଇ(ଏମ୍) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, କଂଗ୍ରେସ ଦଳିତ ସେଲର ସମ୍ପାଦକ ରାଜେନ୍ଦ୍ର ଯେନା, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲର ପୂର୍ବତନ ସଭ୍ୟ ପବନ ଶର୍ମା, ଗାନ୍ଧୀବାଦୀ ବୁଦ୍ଧିଜୀବୀ ସେକ୍ ଫାରୁକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ରୋଟାରୀ କ୍ଲବ୍ ସଭାପତି ନାସିର ବକ୍ସ, ସଂଖ୍ୟାଲଘୁ ସେଲର ସମ୍ପାଦକ ସେକ୍ କଲାମ, ସେକ୍ ସବୀର ପ୍ରମୁଖ କଚେରୀ ବଜାରଠାରେ ଉପସ୍ଥିତ ହୋଇ ଏହି ଯାତ୍ରାକୁ ସ୍ୱାଗତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମସ୍ତ ପରିବେଶ ଆଇନକୁ ଯେଭଳି ଉଲ୍ଲଂଘନ କରାଯାଇ ଦେଶୀ ବିଦେଶୀ ବହୁଜାତୀୟ ପୁଞ୍ଜିପତିମାନଙ୍କୁ ଆମ ଦେଶର ଜଙ୍ଗଲ, ସମୁଦ୍ର, ଖଣି, ନଦୀ, ଝରଣା ଆଦିକୁ ଯେଭଳି ବିକ୍ରି କରାଯାଉଛି, ତାହା ବିରୋଧରେ ଲଢ଼େଇ କରିବାକୁ ଏକଜୁଟ ହେବାକୁ ଲୋକ ଅଧିକାର ଯାତ୍ରା ପକ୍ଷରୁ ଆହ୍ୱାନ ଦିଆଯାଇଥିଲା।

## ୭ରୁ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

ଭଣ୍ଡାରିପୋଖରୀ,୨୬।୨(ସମିସ): ଭଣ୍ଡାରିପୋଖରୀ ବଜାର ଉପକଣ୍ଠ ଚନ୍ଦ୍ରଭାନୁପୁର ମହାଦେବ କ୍ରିକେଟ ପଡ଼ିଆରେ ଚଳିତ ବର୍ଷ ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣ ଆସନ୍ତା ୭ ତାରିଖଠାରୁ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ କେନ୍ଦୁଝର ଫେମସ୍ ଦଳ ସହ ଭଦ୍ରକ ୟୁନିକ୍ ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ତମାଣ୍ଡୋ କ୍ରିକେଟ କ୍ଲବ୍ ଓ ବାସୁଦେବପୁର ଉତ୍କଳିକା ସ୍ପୋର୍ଟିଂ ଏକାଦଶ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୮ ତାରିଖରେ ହେବ। ଭୁବନେଶ୍ୱର ଆଦିତ୍ୟ ଏକାଦଶ ଓ କଟକ ରାଇଜିଂ ତୃତୀୟ କ୍ୱାର୍ଟର ଫାଇନାଲ୍ ୯ରେ ଏବଂ କଟକ ୟୁନିଅନ ସ୍ପୋର୍ଟିଂ ଓ ଯାଜପୁର ୧୧ ଷ୍ଟାର୍ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୧୦ ତାରିଖରେ ଅନୁଷ୍ଠିତ ହେବ। ୧୧ ଓ ୧୨ ତାରିଖରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମି ଫାଇନାଲ ଏବଂ ୧୩ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

## ମାର୍ଚ୍ଚ ୧୩ରୁ ଅଲ୍ ଓଡ଼ିଶା ଭଦ୍ରକ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ




ବନ୍ତ/ଆଗରପଡ଼ା,୨୬।୨(ସମିସ): ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧୀନ ଆଳମଙ୍ଗା ଖେଳ ପଡ଼ିଆଠାରେ ମାର୍ଚ୍ଚ ୧୩ରୁ ପ୍ରଥମ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭଦ୍ରକ କପ୍-୨୦୨୬ ଆରମ୍ଭ ହେବ ବୋଲି ମଙ୍ଗଳବାର ସନ୍ଧ୍ୟାରେ ଆଳମଙ୍ଗା ଛକଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଉପଦେଷ୍ଟା ତଥା ଶିକ୍ଷାବିତ୍ ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଉପଦେଷ୍ଟା ତଥା ଆଇନଜୀବୀ ବନମାଳୀ ଜେନା, ଅଧ୍ୟାପକ ଚନ୍ଦ୍ରକାନ୍ତ ବେହେରା, ସମାଜସେବୀ ଘନଶ୍ୟାମ ଧଳ, ବିଦ୍ୟାଧର ଜେନା, ନିତ୍ୟାନନ୍ଦ ବେଜ, ସନାତନ ଜେନା, କ୍ଲବ୍‌ର ସଭାପତି ଅନୁପ କୁମାର ବେହେରା, ସମ୍ପାଦକ ରଞ୍ଜନ କୁମାର ବେଜ ପ୍ରମୁଖ ଯୋଗଦେଇଥିଲେ। ଆଳମଙ୍ଗା କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଟେନିସ୍ ବଲ୍‌ରେ ଭଦ୍ରକରେ ସବୁଠାରୁ ବଡ଼ ଟୁର୍ଣ୍ଣାମେଣ୍ଟ ହେବ। ଏହି ମ୍ୟାଚ୍ ୩ ଦିନ ଧରି ଚାଲିବ। ଏଥିରେ ୮ଟି ଟିମ୍ ଅଂଶ ଗ୍ରହଣ କରିବେ। ସେଥିମଧ୍ୟରେ ସୁହାନି ୧୧ ପଶ୍ଚିମବଙ୍ଗ, ସିଆର୍‌ଏନ୍ ତାଳଚେର, ଶିଉଳି ୧୧ ପୁରୀ, ଇମେଜ ୧୧ ଭଦ୍ରକ, ଡ୍ରିମ୍ ୧୧ ବଲାଙ୍ଗିର, ଡିସିସି ସନ୍ଥପୁରା କେନ୍ଦ୍ରାପଡ଼ା, କମାଣ୍ଡୋ ୧୧ ଭୁବନେଶ୍ୱର, ଗଞ୍ଜାମ ୧୧ ଟିମ୍ ରହିଛନ୍ତି। ପ୍ରତିଦିନ ୩ଟି ଲେଖାଏଁ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତ୍ୟେକ ମ୍ୟାଚ୍ ୧୦ ଓଭର ଲେଖାଏଁ ହେବ। ମାର୍ଚ୍ଚ ୧୫ରେ ୩ଟି ଫର୍ମାଟ୍‌ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଉମେଶ ପାଇକରାୟ, ଭାଗିରଥି ବେଜ, ଚିନ୍ମୟ ବେହେରା, ଦିଲ୍ଲୀପ କୁମାର ବେଜ, ସାମନ୍ତ ଚନ୍ଦ୍ରଶେଖର ଧଳ, ଶ୍ରୀଧର ସେଠୀ, କୂଳମଣି ରାଉତ, କ୍ଲବ୍‌ର ସଦସ୍ୟ ସୁରେଶ ପାଇକରାୟ, ମନୋଜ ଜେନା, ପ୍ରସନ୍ନ ଜେନା, ବୁଦ୍ଧିରାମ ଜେନା, ଅନୁରାଗ ବେହେରା, ଦୀପକ ଜେନା, ଆଲୋକ ସେଠୀ, ସୁଭାଶିଷ ଜେନା, ଶାନ୍ତନୁ ଜେନା, ବିଭୁଦତ୍ତ ଜେନା, ମନିଷ ଧଳ, ମଙ୍ଗେସ୍ ସେଠୀ, ଅରୁପାନନ୍ଦ ବେଜ, ମନୋଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସରପଦା ନାଟ୍ୟ ମହୋତ୍ସବ ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୨୬।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ସରପଦା ନାଟ୍ୟ ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଶ୍ରୀଜଗନ୍ନାଥ ବାର୍ଷିକ ଯଜ୍ଞ ଅବସରରେ ଶ୍ରୀଜଗନ୍ନାଥ ଯୁବ ନାଟ୍ୟ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଓ ବୁଧବାର ନାଟ୍ୟମହୋତ୍ସବ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମହୋତ୍ସବକୁ ଶିଳ୍ପୋଦ୍ୟୋଗୀ ସଞ୍ଜୟ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମଦନ ରାଉତ, ପୂର୍ବତନ ସରପଞ୍ଚ ବେଣୁଧର ସାହୁ, ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ ସାହୁ, ସମାଜସେବୀ ରଜନୀକାନ୍ତ ଚନ୍ଦ, ଅଶୋକ ସ୍ୱାଇଁ, ଗୌରାଙ୍ଗ ନାୟକ, ମାନସ ରଞ୍ଜନ ନାୟକ, ଶିକ୍ଷକ ଶରତ ବେହୁରିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମର ନାଟ୍ୟ ମହୋତ୍ସବ ଗ୍ରାମ୍ୟ କଳାକାରଙ୍କ ପ୍ରତିଭା ଉନ୍ମେଷର ଅନ୍ତୁଡ଼ିଶାଳ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗ୍ରାମର ଯୁବ ହାସ୍ୟ ଅଭିନେତା ଦୀନବନ୍ଧୁ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନିର୍ଦ୍ଦେଶକ ମାର୍କଣ୍ଡ ରାଉତଙ୍କ ନିର୍ଦ୍ଦେଶନାରେ ମଙ୍ଗଳବାର ରାତିରେ 'ଭାଙ୍ଗିଲା ସଂସାର ଯୋଡ଼ିବ କିଏ' ଓ ବୁଧବାର ରାତିରେ 'ଲୁହରେ ଲେଖା ମୋ କପାଳ ରେଖା' ନାଟକ ମଞ୍ଚସ୍ଥ ହୋଇଥିଲା। ଗ୍ରାମର ବରିଷ୍ଠ, ଯୁବ ଓ ଶିଶୁ କଳାକାରମାନେ ନାଟକରେ ଅଭିନୟ କରିଥିଲେ। ନାଟ୍ୟ ପରିଷଦର କର୍ମକର୍ତ୍ତା ଓ ଗ୍ରାମବାସୀମାନେ ମହୋତ୍ସବକୁ ପରିଚାଳନା କରିଥିଲେ।

**● ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଓ ଟ୍ରକ୍ ବ୍ରେକ୍ ଡାଉନ୍**

## ୧୪ ଘଣ୍ଟା ଅଟକିଲା ହଜାର ହଜାର ଗାଡ଼ିମୋଟର

ଭଦ୍ରକ,୨୬।୨(ସମିସ): ଭଦ୍ରକରେ ରାତି ଅଧରୁ ଜାମ୍ ରହିଛି ୧୬ ନମ୍ବର ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱ। ଫଳରେ ବୁଧବାର ରାତି ୧୦ଟାରୁ ଗୁରୁବାର ମଧ୍ୟାହ୍ନ ୧୨ଟା ଯାଏଁ ରାଜପଥରେ ଛିଡ଼ା ହୋଇ ରହିଛି ହଜାର ହଜାର ସଂଖ୍ୟକ ଗାଡ଼ି। ସୂଚନାନୁଯାୟୀ, ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥର ଧାମରା ରେଲ୍‌ୱେ ଓଭରବ୍ରିଜ୍ ନିକଟରେ ଏନ୍‌ଏଚ୍‌ଆଇର ସିକ୍ସ ଲେନିଂ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବାବେଳେ ଏହି ଆପ୍ରୋଚ୍ ରୋଡ୍‌ରେ ଏକ ଟ୍ରକ୍ ବ୍ରେକ୍ ଡାଉନ୍‌କୁ ନେଇ ବିଳମ୍ବିତ ରାତିରୁ ଭଦ୍ରକ, ବାଲେଶ୍ୱର ପାର୍ଶ୍ୱ ରାସ୍ତାରେ ଯାତାୟାତ ଠପ୍ ହୋଇଛି। ଧାମରା ରେଲ୍‌ୱେ ଓଭରବ୍ରିଜ୍ ନିକଟରୁ



ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଗୋଟିଏ ପାର୍ଶ୍ୱରେ ହଜାର ହଜାର ଗାଡ଼ି ଫସି ରହିଛି। ତେବେ ସକାଳୁ ଏନ୍‌ଏଚ୍‌ଆଇ ପୁଲିସ ଓ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଜାମ୍ ହଟାଇବାକୁ ପ୍ରୟାସ ଆରମ୍ଭ କରିଥିଲେ। ରାଜରାସ୍ତାରେ ୩ଟି ଲେନ୍ ଓ ଆପ୍ରୋଚ୍ ରୋଡ୍‌ର ଲେନ୍ ଜାମ୍ ହୋଇଥିବାବେଳେ ପୁଲିସ ଗୋଟିଏ ଗୋଟିଏ ଲେନ୍‌କୁ ଖାଲି କରିବାକୁ ପ୍ରୟାସ ଚଳାଇଥିଲା। ରାଜପଥରେ ଏହି ଜାମ୍ ଯୋଗୁଁ ଯାନବାହନଗୁଡ଼ିକ ଅଟକି ରହି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିଲା।

**୫୬ ଲକ୍ଷର ଚେକ୍ ଡ୍ୟାମ୍‌ର ନିର୍ମାଣକୁ ନେଇ ଉଠିଲା ପ୍ରଶ୍ନ**

# ପୂରିଗଲାଣି ଅବଧି; ଫଳକ ନାହିଁ କି କାମ ସରୁନି!

ଅସୁରାଳି,୨୬।୨(ସମିସ)



ବମକୁରା ପଞ୍ଚାୟତର ପଚ୍ଛାଲୋ ଗ୍ରାମ ନିକଟରେ ଗେଙ୍ଗୁଟି ନଈ ଉପରେ ନିର୍ମାଣ ହେଉଥିବା ଚେକ୍ ଡ୍ୟାମ୍‌କୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ୫୬ ଲକ୍ଷ ଟଙ୍କାର ବ୍ୟୟରେ ୨୦୨୫ରେ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପର ନିର୍ଦ୍ଧାରିତ ସମୟସୀମା ସରିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ପୁଣି ବିନା ଫଳକରେ ଚାଲିଛି ନିର୍ମାଣ କାର୍ଯ୍ୟ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ କାର୍ଯ୍ୟର ଗୁଣମାନ ଅତ୍ୟନ୍ତ ନିମ୍ନମାନର। ପ୍ରକଳ୍ପରେ ବ୍ୟୟ ହୋଇଥିବା ଟଙ୍କା ସହିତ କାର୍ଯ୍ୟର ଗୁଣମାନର କୌଣସି ସମ୍ପର୍କ ନ ଥିବାରୁ, ଠିକାଦାର ଓ ଯନ୍ତ୍ରୀଙ୍କ ମିଳିତ ଅବହେଳା ଓ ଅନିୟମିତତାର ଅଭିଯୋଗ ଉଠିଛି। ଲୋକଙ୍କ ମତାନୁସାରେ, ୫୬ ଲକ୍ଷ ଟଙ୍କାରୁ ଅଧିକାଂଶ ଲୁଟିନେବାରେ ସମ୍ପୃକ୍ତ ଯନ୍ତ୍ରୀଙ୍କ ହାତ ରହିଛି। ଏହି ପରିପ୍ରେକ୍ଷୀରେ ମାଇନର ଇରିଗେସନ ଏସ୍‌ଡିଓ ଭବାନୀ ଶଙ୍କର ବେହେରା କହିଛନ୍ତି, ଉକ୍ତ କାର୍ଯ୍ୟର ତଦାରଖ କରାଯାଇ, ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଦାବି, ଏହି ଅନିୟମିତତାକୁ ଗୁରୁତ୍ୱର ସହିତ ନେଇ ଭିଜିଲାନ୍ସ ତଦନ୍ତ କରାଯିବା ଆବଶ୍ୟକ। ସେମାନଙ୍କ କହିବା କଥା, ଯଦି ତଦନ୍ତ ସଠିକ୍ ଭାବରେ ହୁଏ, ତେବେ ଲୁଟିନେବାରେ ସମ୍ପୃକ୍ତ ଅଧିକାରୀ ହାତଥିବା ସନ୍ଦେହ। ଏହି ଚେକ୍‌ଡ୍ୟାମ୍ ସମ୍ପୂର୍ଣ୍ଣ ହେଲେ, ବନ୍ଧ ସାହି ପଚ୍ଛାଲୋ ଓ ପାର୍ଶ୍ୱବର୍ତ୍ତୀ ଗ୍ରାମର କୃଷକମାନେ ସିଚାଇ ସୁବିଧା ପାଇଥା'ନ୍ତେ। କିନ୍ତୁ କାର୍ଯ୍ୟ ଅଧାରେ ରହିଥିବାରୁ, ଚାଷୀମାନଙ୍କ ଆଶା ଭଙ୍ଗ ହୋଇଛି ଓ ଚାଷୀଙ୍କ ହିତରେ ଲାଗିବନି।

